REGIONAL NEWS UNIT, AIR CUTTACK
Morning Bulletin (7.05 AM)
31 August - 2024
News Editor : Itishree Singh Rathaur

# ସ୍ୱାୟତ୍ତ ଶାସନ

ସ୍ୱାୟତ୍ତ ଶାସନ ବ୍ୟବସ୍ଥାରେ ଜନସାଧାରଣଙ୍କ ସମସ୍ୟାଗୁଡ଼ିକର ସମାଧାନ ଦିଗରେ ଜନସାଧାରଣଙ୍କୁ କ୍ଷମତା ପ୍ରଦାନ କରିବା ନେଇ ଆଜି ସ୍ୱାୟତ୍ତ ଶାସନ ଦିବସ ପାଳନ କରାଯାଉଛି । ଶାସନ ବ୍ୟବସ୍ଥାରେ ଗୋଟିଏ ଦେଶରେ କେନ୍ଦ୍ର ସରକାର ଏବଂ ରାଜ୍ୟରେ ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ ହୋଇଥାଏ। ତୃତୀୟଟି ହେଲା ସ୍ୱାୟତ୍ତ ଶାସନ ବ୍ୟବସ୍ଥା । ୧୯୯୨ ମସିହାରେ ପଞ୍ଚାୟତରାଜ ବ୍ୟବସ୍ଥା ଦ୍ୱାରା ସ୍ୱାୟତ୍ତ ଶାସନ ବ୍ୟବସ୍ଥା ଆରମ୍ଭ ହୋଇଥିଲା। ସ୍ୱାୟତ୍ତ ଶାସନ ଦିବସ ଅବସରରେ ରାଜ୍ୟର ବିଭିନ୍ନ ପୌରାଞ୍ଚଳରେ ଲୋକମାନଙ୍କର କ୍ଷମତା ଓ ଅଧିକାର ସମ୍ବନ୍ଧରେ ସଚେତନ କରାଇବା ନେଇ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଉଛି। ସ୍ୱାୟତ୍ତ ଶାସନ ଦିବସ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଆଜି ରାଜ୍ୟର ସମସ୍ତ ଜିଲ୍ଲାରେ ୧ହଜାର ୧୧୫କୋଟି ଟଙ୍କା ଖର୍ଚ୍ଚରେ ୪୮୧ଟି ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଲୋକାର୍ପଣ ଓ ଶିଳାନ୍ୟାସ କରିବେ ।

କେନ୍ଦ୍ର ଶିକ୍ଷା ମନ୍ତ୍ରୀ କଟକଠାରେ ସ୍ୱାୟତ୍ତ ଶାସନ ଦିବସ ଅବସରରେ ୫୪କୋଟି ଟଙ୍କା ମୂଲ୍ୟର ୧୪ଟି ପ୍ରକଳ୍ପର ଲୋକାର୍ପଣ ଓ ଶିଳାନ୍ୟାସ କରିବାର କାର୍ଯ୍ୟକ୍ରମ ରହିଛି ।

# ପିଏମ ସେବା ନିଧି ପୁରସ୍କାର

ସହରାଞ୍ଚଳ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ରାଜ୍ୟର ସାତୋଟି ସହରାଞ୍ଚଳ ଓ ଜାତୀୟସ୍ତରୀୟ ପିଏମ୍ ସେବା ନିଧି ପୁରସ୍କାର ମିଳିଛି । ସ୍ୱାୟତ୍ତ ଶାସନ ଦିବସ ଅବସରରେ ଆଜି ଭୁବନେଶ୍ୱର ଲୋକସେବା ଭବନ ଠାରେ ଏହି ସାତୋଟି ପୁରସ୍କୃତ ମହାନଗର ନିଗମ ଏବଂ ପୌରାଞ୍ଚଳକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ପୁରସ୍କାର ପ୍ରଦାନ କରିବେ । ବଡ ସହରଗୁଡିକ ମଧ୍ୟରେ ସମ୍ବଲପୁର ମହାନଗର ନିଗମ, କଟକ ଏବଂ ଭୁବନେଶ୍ୱର ମହାନଗର ନିଗମକୁ ପୁରସ୍କୃତ କରାଯିବ । ଏହା ବ୍ୟତୀତ ଯାଜପୁର, ବଲାଙ୍ଗୀର, ଢେଙ୍କାନାଳ, ରାୟଗଡା ମ୍ୟୁନିସିପାଲିଟିକୁ ପୁରସ୍କୃତ କରାଯିବ ।

# ପିଏମ-ଉଷା

ଉଚ୍ଚଶିକ୍ଷାର ଗୁଣାତ୍ମକମାନ ବୃଦ୍ଧି ପାଇଁ ଜାତୀୟ ଶିକ୍ଷାନୀତି ଅନ୍ତର୍ଗତ ପ୍ରଧାନମନ୍ତ୍ରୀ-ଉଚ୍ଚତର ଶିକ୍ଷା ଅଭିଯାନ-ପିଏମ୍-ଉଷା ଯୋଜନା ରାଜ୍ୟରେ ଲାଗୁ ହେବ। କେନ୍ଦ୍ର ଏବଂ ରାଜ୍ୟର ସହଯୋଗରେ ପ୍ରଣୟନ ହୋଇଥିବା ପିଏମ୍-ଉଷା ଯୋଜନା ଅଧୀନରେ ଉନ୍ନତମାନର ପାଠ୍ୟକ୍ରମ ପ୍ରସ୍ତୁତି, ଶିକ୍ଷକମାନଙ୍କୁ ତାଲିମ, ଶିକ୍ଷା ଭିତ୍ତିଭୂମିର ବିକାଶ ଏବଂ ନିଯୁକ୍ତି ସୁଯୋଗ ସୃଷ୍ଟି  କରିବା ପାଇଁ ଗୁରୁତ୍ୱ ଦିଆଯାଉଛି ।  କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ମଧ୍ୟରେ ପିଏମ୍-ଉଷାକୁ  ଓଡିଶାରେ ଲାଗୁ କରାଇବା ନେଇ ଭୁବନେଶ୍ୱରସ୍ଥିତ କୃଷି ଭବନ ସମ୍ମିଳନୀ ଗୃହରେ ଆଜି ଏକ ବୁଝାମଣାପତ୍ର ସ୍ୱାକ୍ଷର ହେବ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି, କେନ୍ଦ୍ର ଶିକ୍ଷାମନ୍ତ୍ରୀ

ଧର୍ମେନ୍ଦ୍ର ପ୍ରଧାନ ଏବଂ ରାଜ୍ୟ ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଉପସ୍ଥିତିରେ ବୁଝାମଣା ପତ୍ର ସ୍ୱାକ୍ଷରିତ ହେବ ।

ସୂଚନାଯୋଗ୍ୟ, ୨୦୨୫-୨୬ରେ ପିଏମ-ଉଷା ପାଇଁ ୧୨ଲକ୍ଷ ୯୨ହଜାର ୬୧୦କୋଟି ଟଙ୍କା ବ୍ୟୟବରାଦ ହୋଇଛି ।

## ବିଧାନସଭା-ଶ୍ୱେତପତ୍ର

ବିଧାନସଭାରେ ଗୃହବିଭାଗ ପକ୍ଷରୁ ଶ୍ୱେତପତ୍ର-୨୦୨୩ ଉପସ୍ଥାପିତ ହୋଇଛି । ଶ୍ୱେତପତ୍ରର ବିବରଣୀ ଅନୁସାରେ ଗତବର୍ଷ ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି ଶାନ୍ତିପୂର୍ଣ୍ଣ ଥିଲା । ପୁଲିସ ଓ ପ୍ରଶାସନର ସମୟୋଚିତ ପଦକ୍ଷେପ ଯୋଗୁଁ ବଡ ଧରଣର ଆଇନ ଶୃଙ୍ଖଳା ପରିସ୍ଥିତି ଦେଖାଯାଇନାହିଁ । ଶ୍ୱେତପତ୍ର ର ତଥ୍ୟ ଅନୁସାରେ ଗତବର୍ଷ ମୋଟ ୧ଲକ୍ଷ ୯୯ହଜାର ୯୫୪ଟି ଧର୍ତ୍ତବ୍ୟ ଅପରାଧ ମାମଲା ରୁଜୁ ହୋଇଥିଲା ।

## ଜନ ଅଭିଯୋଗ ଶୁଣାଣି ବନ୍ଦ

ଆସନ୍ତାମାସର ପ୍ରଥମ ତିନୋଟି ସୋମବାର ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ବନ୍ଦ ରହିବ ବୋଲି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ କୁହାଯାଇଛି । ବିଧାନସଭା ଅଧିବେଶନ ଚାଲିଥିବାରୁ ଆସନ୍ତା ସେପ୍ଟେମ୍ବର ମାସ ୨ତାରିଖ ଦିନ ଅଭିଯୋଗ ଶୁଣାଣି ବନ୍ଦ ରହିବ । ସେହିପରି ପଶ୍ଚିମ ଓଡିଶାର ଗଣପର୍ବ ନୂଆଖାଇ ପାଇଁ ସେପ୍ଟେମ୍ବର ମାସ ୯ତାରିଖ ଏବଂ ମହାପୁରୁଷ ମହମ୍ମଦଙ୍କ ଜୟନ୍ତୀ ପାଇଁ ୧୬ତାରିଖ ଜନ ଅଭିଯୋଗ ଶୁଣାଣିକୁ ବନ୍ଦ ରଖିବା ପାଇଁ ନିଷ୍ପତ୍ତି ନିଆଯାଇଛି ।

# ଶିଳ୍ପ କରିଡର

ରାଉରକେଲା-ସମ୍ବଲପୁର-ପାରାଦ୍ୱୀପ-ଧାମରାକୁ ନେଇ ଏକ ଶିଳ୍ପ କରିଡର ନିର୍ମାଣ କରିବା ପାଇଁ ରାଜ୍ୟ ସରକାରଙ୍କର ଯୋଜନା ରହିଛି ବୋଲି ବିଧାନସଭାରେ ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଛନ୍ତି । ସେ କହିଛନ୍ତି, ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ବିଭିନ୍ନ କ୍ଷେତ୍ରରେ ଶିଳ୍ପ ସ୍ଥାପନ ନିମନ୍ତେ ୨୫ଲକ୍ଷ ୧୨ହଜାରରୁ ଅଧିକ  କୋଟି ଟଙ୍କାର ପୁଞ୍ଜି ନିବେଶ ସହିତ ୯୯୬ଟି ବୃହତ ପ୍ରକଳ୍ପକୁ ସିଙ୍ଗଲ ୱିଣ୍ଡୋ ସିଷ୍ଟମ ମାଧ୍ୟମରେ ସରକାର ଅନୁମୋଦନ ଦେଇଛନ୍ତି ।

## ଦାବିପତ୍ର

ରାଜ୍ୟକୁ ସମ୍ପୂର୍ଣ୍ଣ ମଦମୁକ୍ତ ଓ ନିଶାମୁକ୍ତ କରିବା ଦାବିରେ **ଭଦ୍ରକ** ଜିଲ୍ଲା ଉତ୍କଳ ସର୍ବୋଦୟ ମଣ୍ଡଳ ପକ୍ଷରୁ ଜିଲ୍ଲାପାଳଙ୍କୁ   ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର  ଦିଆଯାଇଛି।  ୧୯୫୬ ମସିହା ନିଶା ନିବାରଣ ଆଇନ୍ ଖୁବ୍ ଶୀଘ୍ର ରାଜ୍ୟରେ ପାରିତ କରି ଏହାକୁ କଡାକଡି ଲାଗୁ କରିବା ଏବଂ ନିଶା ନିବାରଣ ଆଇନ୍ ଓ ଧାରାକୁ ପ୍ରଣୟନ କରିବା ନେଇ ଦାବିପତ୍ରରେ ସର୍ବୋଦୟ ମଣ୍ଡଳ ପକ୍ଷରୁ ଅନୁରୋଧ କରାଯାଇଛି ।

# କୃଷ୍ଣ ବଳରାମ ବେଶ

ଭାଦ୍ରବ କୃଷ୍ଣପକ୍ଷ ତ୍ରୟୋଦଶୀ ତିଥିରେ ଆଜି ପୁରୀ ଶ୍ରୀମନ୍ଦିରରେ ଶ୍ରୀଜୀଉମାନଙ୍କର କୃଷ୍ଣ ବଳରାମ ବେଶ ଅନୁଷ୍ଠିତ ହେବ । ମହାପ୍ରଭୁ

ଶ୍ରୀଜଗନ୍ନାଥଙ୍କ କୃଷ୍ଣ ଓ ଶ୍ରୀ ବଳଭଦ୍ରଙ୍କୁ ବଳରାମ ରୂପରେ ସୁସଜ୍ଜିତ କରାଯିବ । ଦେବୀ ସୁଭଦ୍ରା ଚର୍ତୁଭୁଜ ଧାରଣ କରି ବିଭିନ୍ନ ଆୟୁଧ ସହ ପଦ୍ମାସନରେ ଅବସ୍ଥିତ ହେବେ । ଏହି ବେଶରେ ଉଭୟ କୃଷ୍ଣ ଏବଂ ବଳରାମ କାଷ୍ଠ ନିର୍ମିତ ଦୁଇଗୋଡ ଛନ୍ଦି ଛନ୍ଦପୟର ମୁଦ୍ରାରେ ରହିଥାନ୍ତି । ଦ୍ୱିପ୍ରହର ଧୂପନୀତି ପରେ ଶ୍ରୀଜୀଉମାନଙ୍କର କୃଷ୍ଣ ବଳରାମ ବେଶରେ ଭକ୍ତମାନଙ୍କୁ ଦର୍ଶନ ଦେବେ ।